# Akashvani, Sambalpur

## SAMBALPURI NEWS EVENING BULLETIN

**27 October 2024- 7.02 pm- 7.12 pm.**

*********************************************

୧- ସାଇବର୍ ଠକେଇ ବାବ୍‌ଦେ ସଚେତନ୍ ରହେବାର୍‌କେ ଦେଶ୍‌ବାସୀଙ୍କୁ ପରାମର୍ଶ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

- କହେଲେ ଆତ୍ମନିର୍ଭର୍ ଭାରତ ଅଭିଯାନ୍ ହେଇଛେ ସଫଲ୍ ।

- ମହାନାୟକ୍ ସର୍ଦ୍ଦାର୍ ପଟେଲ୍ ଆର୍ ଭଗବାନ୍ ବିର୍ସାମୁଣ୍ଡାଙ୍କୁ କଲେ ସୁର୍‌ତା ।

୨- ଆକାଶ୍‌ମାର୍ଗନୁ ବାତ୍ୟା ପ୍ରଭାବିତ୍ ଇଲାକା ଦେଖ୍‌ଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

- ବାତ୍ୟା 'ଦାନା'ଥି ରାଜ୍ୟର୍ ୧୪ ଟା ଜିଲ୍ଲାର୍ ପାଖାପାଖି ୩୬ ଲାଖ୍ ଲୋକ୍ ହେଇଛନ୍ ପ୍ରଭାବିତ୍- କହେଲେ ରାଜସ୍ୱ ମନ୍ତ୍ରୀ ।

ଆଉର୍

୩- ଓଡ଼ିଶା ନ ଆଏବା ୨୯ ତାରିଖ୍ ଦିନ ହେବା ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାର୍ ଶୁଭାରମ୍ଭ ।

ମନ୍ କି ବାତ୍        ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଇବର୍ ଠକେଇ ବାବ୍ଦେ ସଚେତନ୍ ରହେବାର୍କେ ଦେଶ୍ବାସୀଙ୍କୁ ପରାମର୍ଶ ଦେଇଛନ୍ । ଆଏଜ୍ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ଥି ଦେଶ୍ବାସୀଙ୍କୁ ସମ୍ବୋଧନ୍ କରିକରି ଡିଜିଟାଲ୍ ଏରେଷ୍ଟ୍ ନାଁଥି ହେଉଥିବାର୍ ଠକେଇକେ ରୁକ୍ବାର୍ ଲାଗି ସବୁ ତଦନ୍ତ୍ ସଂସ୍ଥା ମିଶିକରି କାମ୍ କରୁଛନ୍ ବଲି କହିଛନ୍ । ସାଇବର୍ ଠକେଇ ନୁ ନିଜ୍କୁ ବଂଚାବାର୍ ଲାଗି ୩ ଟା ଜିନିଷ୍ ଉପ୍ରେ ଧ୍ୟାନ୍ ଦେବାର୍କେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ । ସେ କହିଛନ୍....

(ଭଏସ୍ ଓଭର୍-୧- ପ୍ରଧାନ୍ମନ୍ତ୍ରୀ)

ଆଏବା କାଏଲ୍ ବିଶ୍ୱ ଏନିମେସନ୍ ଦିବସ୍ ପାଲିତ୍ ହେବାର୍କେ ଯାଉଥିବାର୍ ବେଲେ ଏନିମେସନ୍ ଦୁନିଆଥି ଭାରତ୍ ଗୁଟେ ନୂଆଁ ବିପ୍ଳବ୍ ଆନ୍ବାର୍ ଦିଗେ ଆଗ୍କେ ବଢୁଛେ ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ ।

ଆତ୍ମନିର୍ଭର୍ ଭାରତ୍ ଅଭିଯାନ୍ର ସଫଲତା ଉପ୍ରେ ଖୁସି ଜନାବାର୍ ସଙ୍ଗେ ଇ ଅଭିଯାନ୍ ଦେଶର୍ ସାମୂହିକ୍ ଚେତନାର୍ ଗୁଟେ ଭାଗ୍ ହେଇଯାଇଛେ ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ । ସେ କହିଛନ୍ ଯେ,

(ଭଏସ୍ ଓଭର୍-୨- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଇ ବଛର୍ ୨ ଝନ୍ ମହାନାୟକ୍ ସର୍ଦ୍ଦାର୍ ପଟେଲ୍ ଆର୍ ଭଗବାନ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ତମ ଜୟନ୍ତୀ ପଡୁଛେ ।

ଆଏବା ୩୧ ତାରିଖ ଦିନ ସର୍ଦ୍ଦାର୍ ପଟେଲ୍ ଆର୍ ଆଏବା ମାସର୍ ୧୫ ତାରିଖ୍ ଭଗବାନ ବିର୍ସାମୁଣ୍ଡାଙ୍କର ଶହେ ୫୦ ତମ ଜୟନ୍ତୀ  ମନାଯିବା । ସେ କହିଛନ୍ ଯେ,

(ଭଏସ୍ ଓଭର୍-୩- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ସମ୍ବୋଧନ୍‌ଥି ଧନ୍‌ତେରସ୍, ଦୀଆଲୀ, ଛଟ୍‌ପୂଜା ଆର୍ ଗୁରୁନାନକ୍ ଜୟନ୍ତୀ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସଭା ଭବନ୍ ନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ସିଧା ପ୍ରସାରଣ୍ ଶୁନ୍‌ବାର୍ ସଙ୍ଗେ ସାଇବର୍ ସୁରକ୍ଷା ଦିଗେ ସଭେ ସଚେତନ୍ ହେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ- ବାତ୍ୟା ଇଲାକା ପରିଦର୍ଶନ୍        ପ୍ରେସ୍ ରିଲିଜ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଉପର୍‌ବେଲା ହେଲିପେକ୍ଟର୍‌ଥି କେତେକ୍ ବାତ୍ୟା ପ୍ରଭାବିତ୍ ଇଲାକା ପରିଦର୍ଶନ୍ କରିଛନ୍ । ମୁଖ୍ୟମନ୍ତ୍ରୀ ଆକାଶ୍‌ମାର୍ଗନୁ ପାରାଦ୍ୱୀପ୍, ମହାକାଲପଡ଼ା, ରାଜନଗର, ରାଜକନିକା ଆର୍ ଚାନ୍ଦ୍‌ବାଲିର ସମୁଦ୍ରଖଁଡ଼ି ଇଲାକାର୍ ଥିତି ଅନୁଧାନ୍ କରିଛନ୍ । ତାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ବିଭାଗ୍‌କେ ବାତ୍ୟାନୁ ହେଇଥିବା କ୍ଷୟକ୍ଷତିର ତୁର୍‌ତି ଆକଲନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ବାତ୍ୟା ପ୍ରଭାବିତ୍ ଇଲାକା ପରିଦର୍ଶନ୍ ବେଲେ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆର୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଭିଲ୍ ଥିଲେ ।

ବାତ୍ୟା- ରାଜସ୍ୱ ମନ୍ତ୍ରୀ ସୂଚନା ଲୋକସମ୍ପର୍କ ବିଭାଗ୍

ବାତ୍ୟା 'ଦାନା'ଥି ରାଜ୍ୟର୍ ୧୪ ଟା ଜିଲ୍ଲାର୍ ଶହେ ୮ ଟା ବ୍ଲକ୍‌ର ୧୬ ଶହ ୭୧ ଟା ପଂଚାୟତ୍‌ର ୮ ହଜାର୍ ୩ ଶହ ୧୮ ଟା ଗାଁ ଆର୍ ୩୧ ଟା ସହରାଂଚଲ୍‌ର ୪ ଶହ ୨୬ ଟା ୱାର୍ଡ଼ର ପାଖାପାଖି ୩୬ ଲାଖ୍ ଲୋକ୍ ପ୍ରଭାବିତ୍ ହେଇଛନ୍ ବଲି ରାଜସ୍ୱ ଆର୍ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ ଗଣମାଧ୍ୟମ୍‌କେ

କହିଛନ୍ ଯେ, ବାତ୍ୟା ସମିଆଥି ୬ ହଜାର୍ ୨ ଶହ ୧୦ ଟା ଆଶ୍ରୟସ୍ଥଲୀ ଖୁଲାଯାଇଥିବାର୍ ବେଲେ ସେ ଭିତ୍ରୁ ଏଛେନ୍ ଭିଲ୍ ୧ ହଜାର୍ ଶହେ ୭୮ ଟା ଆଶ୍ରୟସ୍ଥଲୀଥି ଲୋକ୍ ଅଛନ୍ । ସେମାନ୍କୁ ରନ୍ଧା ଖାଦ୍ୟ ଦିଆଯାଉଛେ । ଇ ବ୍ୟବସ୍ଥା ଆଏବା ହପ୍ତେତକ୍ ଚାଲ୍ବା । ଏବ୍ତକ୍ ମିଲିଥିବା ସୂଚ୍ନା ଅନ୍ସାରେ ୧ ଲାଖ୍ ୨୫ ହଜାର୍ ୯୧ ହେକ୍ଟର୍ ଜମିର ଚାଷ୍ଆର୍ ୫ ହଜାର୍ ୮ ଶହ ୩୯ ଟା ଘର୍ ନୁକ୍ସାନ୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ବାତ୍ୟା ନୁ ହେଇଥିବା ନୁକ୍ସାନ୍ ବାବ୍ଦେ ଆଏବା ମାସର୍ ୨ ତାରିଖ୍ତକ୍ ରିପୋର୍ଟ ଦେବାର୍କେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସବୁ ବିଭାଗ୍ର ସଚିବ ଆର୍ ପ୍ରଭାବିତ୍ ୧୪ ଟା ଜିଲ୍ଲାର୍ ଜିଲ୍ଲାପାଲ୍ମାନ୍କୁ ନିର୍ଦ୍ଦେଶ୍ ଦେଇଥିବାର୍ ବେଲେ ବାତ୍ୟାଥି ଶୂନ୍ୟ ମୃତ୍ୟୁ ହାର ଗୁଟେ ଉଲ୍ଲେଖନୀୟ ଉପଲବ୍ଧି ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଆୟୁଷ୍ମାନ୍ ଯୋଜ୍ନା-ପ୍ରଧାନ୍ମନ୍ତ୍ରୀ ଆର୍ଏନ୍ୟୁ /ସମ୍ବଲପୁର

ଆୟୁର୍ବେଦିକ୍ ଦିବସ୍ ଅବ୍ସରେ ଆଏବା ୨୯ ତାରିଖ୍ ରାଏଜେ ଆୟୁଷ୍ମାନ୍ ଭାରତ୍ ଯୋଜ୍ନାର୍ ଶୁଭାରମ୍ଭ ହେବା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଉପସ୍ଥିତିଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ସେଦିନ ରାଜ୍ୟର୍ ଆଉ ସାରା ଦେଶର୍ ୭୦ ବଛରନୁ ଅଏତ୍‌କା ବୟସର୍ ସମ୍‌କୁ ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାଥି ସାମିଲ୍ କରାଯିବା । ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ଆହୁରି କହିଛନ୍ ଯେ, ଆୟୁର୍ବେଦିକ୍ ଦିବସ୍ ଦିନ ପ୍ରଧାନ୍‌ମନ୍ତ୍ରୀ ଭୁବ୍‌ନେଶ୍ୱର୍ ପାଖର୍ ଜଟଣୀ ନ କେନ୍ଦ୍ରୀୟ ଯୋଗ ଆର୍ ପ୍ରାକୃତିକ ଚିକିତ୍ସା ଗବେଷଣା କେନ୍ଦ୍ର ଥାପ୍‌ନାର୍ ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ଭିତିପ୍ରସ୍ତର୍ ରଖ୍‌ବେ । ୨୧ ଏକଡ଼୍ ଜମିଥି ଆୟୁର୍ବେଦ୍ ଆର୍ ପ୍ରାକୃତିକ୍ ଚିକିତ୍ସାର୍ ଗୁଟେ ବଡ଼ ଡାକ୍ତର୍‌ଖାନା ତିଆର୍ ହେବା । ସେନ୍ତା ବର୍‌ଗଡ଼୍ ନ କ୍ରିଟିକାଲ୍ ହେଲ୍‌ଥ୍ କେୟାର୍ ୟୁନିଟ୍‌ର ଭିଲ୍ ଉଦ୍‌ଘାଟନ୍ କାର୍ଯ୍ୟକ୍ରମ୍ ରହିଛେ ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

## ଲୋକ୍‌ସଭାର୍ ବାଚସ୍ପତି ଓମ୍ ବିର୍ଲା ଆର୍‌ଏନ୍‌ୟୁ/ କଟକ୍

ଲୋକ୍‌ସଭାର୍ ବାଚସ୍ପତି ଓମ୍ ବିର୍ଲା ଆଏଜ୍ ଦିନ୍‌କିଆ ଓଡ଼ିଶା ଗସ୍ତ ନ ଆସିଥିବାର୍ ବେଲେ ରାଜଭବନ୍ ନ ରାଜ୍ୟପାଲ୍

ରଘୁବର୍ ଦାସ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ତାଙ୍କୁ ଭେଟିଛନ୍ । ଗୁଟେ ଘରୋଇ ବିଶ୍ୱବିଦ୍ୟାଳୟର୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍‌କେ ବାଚସ୍ପତି ଶ୍ରୀ ବିର୍ଲା ଓଡ଼ିଶା ଆସିଥିବାର୍ ବେଲେ ଭାରତ୍‌କେ ବିକଶିତ୍ ରାଷ୍ଟ୍ର କର୍‌ବାର୍ ଦିଗେ ସମ୍‌କିରିର୍ ସହଯୋଗ୍ ଦର୍‌କାର୍ ବଲି କହିଛନ୍ ।

ଖଡ଼ଙ୍ଗ ନଦୀ ଡେମ୍ ତିଆରି ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ସାଢ଼େଙ୍ଗ ଘାଟି ପାଖେ ଖଡ଼ଙ୍ଗ୍ ନଦୀ ନ ଗୁଟେ ଡେମ୍ ତିଆର୍‌ବାର୍‌କେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଆଏଜ୍ କ୍ଷେତ୍ର ପରିଦର୍ଶନ୍ କରିଛନ୍ । ସାଢ଼େଙ୍ଗ ଘାଟି ପାଖେ ଖଡ଼ଙ୍ଗ୍ ନଦୀର୍ ଦୁହି ଖଁଡ଼ି ପାହାଡ଼୍ ଥିବାର୍‌ନୁ ଡେମ୍ ତିଆର୍‌ବାର୍‌କେ ଠିକ୍ ଜାଗା ହେବା ବଲି ଜିଲ୍ଲାପାଲ୍ ଶ୍ରୀ ପଣ୍ଡା କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ଓଡ଼ିଶା ସର୍‌କାର୍ ଖଡ଼ଙ୍ଗ୍ ନଦୀ ନ ଜଲ୍ ସଂରକ୍ଷଣ୍ ଲାଗି ଗୁଟେ ଆନିକଟ୍ ତିଆର୍‌ବାର୍‌କେ ଶହେ ୨୬ କୋଟି ଟଙ୍କା ମଞ୍ଜୁରୀ କରିଥିଲେ । ହେଲେ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ବିଧାନ୍‌ସଭା ନ ଆନିକଟ୍ ବଦ୍‌ଲା ଚାଷ୍ ଆର୍

ବିଜ୍‌ଲି ଉତ୍ପାଦନ୍ ଲାଗି ଡେମ୍ ତିଆର୍‌ବାର୍‌କେ ଦାବି ଉଠେଇଥିଲେ । ସେ ଦାବିକେ ଓଡ଼ିଶା ସର୍‌କାର୍ ଗ୍ରହଣ୍ କରିକରି ହେ ବାବଦ୍ ପ୍ରସ୍ତାବ୍ କେନ୍ଦ୍ର ଜଲ୍‌ସମ୍ପଦ୍ ବିଭାଗ୍‌ର ଅନୁମତିର୍ ଲାଗି ପଠେଇଥିଲେ ।

ପରିବେଶ୍ ଆର୍ ସ୍ୱାସ୍ଥ୍ୟ ସଚେତନତା ଶିବିର ବୌଦ୍ଧ

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍‌ର ପଲ୍‌ସାଗୁରା ପଂଚାୟତ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନ ଜାତୀୟ ସେବା ଯୋଜ୍‌ନା-ଏନ୍‌ଏସ୍‌ଏସ୍ ତର୍‌ଫୁ ପରିବେଶ୍ ଆର୍ ସ୍ୱାସ୍ଥ୍ୟ ସଚେତନତା ଶିବିର ହେଇଯାଇଛେ । ଅଧ୍ୟକ୍ଷ ଡକ୍ଟର୍ ସୁରେଶ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଶିବିର ନ ଦେବେନ୍ଦ୍ର ନାରାୟଣ୍ ପଣ୍ଡା ଆର୍ ପବିତ୍ର ମୋହନ୍ ପୂଜାହାରୀ ବକ୍ତା ଭାବେ ଯୋଗ୍ ଦେଇଥିଲେ ।

ସୈରିନ୍ଧ୍ରୀ ନାଏକ୍ ଫୁଟ୍‌ବଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘ ତର୍‌ଫୁ ସିଂପାଲି କିଷାନ୍ କ୍ଲବ୍ ଫୁଟ୍‌ବଲ୍ ପଡ଼ିଆ ନ ଚାଲିଥିବା ୨୫ ନମ୍ବର୍ ସୈରୀନ୍ଧ୍ରୀ ନାଏକ୍ ଟ୍ରଫି ହାଇସ୍କୁଲ୍ ସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍

୨ ଟା କ୍ୱାଟର୍ ଫାଇନାଲ୍ ମେଚ୍ ଖେଲାଯାଇଥିଲା । ଚିପିଲିମା ହାଇସ୍କୁଲ୍ ଦଲ୍  ଆର୍ ବିକାଶ୍ କନ୍‌ସେପ୍ଟ ସ୍କୁଲ୍ ଭିତ୍‌ରେ ପହେଲା କ୍ୱାଟର୍ ଫାଇନାଲ୍ ମେଚ୍ ହେଇଥିଲା । ହେଥି ଚିପିଲିମା ଦଲ୍ ୧-ଶୂନ୍ ଗୋଲ୍‌ଥି ଜିତିଥିଲେ । ସେନ୍ତା ମୁଢ଼େନ୍‌ପାଲି ଇନ୍ଦିରାଗାନ୍ଧୀ ଆଂଚଲିକ୍ ହାଇସ୍କୁଲ୍ ଆର୍ ବୁର୍ଲା ସର୍‌କାରୀ ହାଇସ୍କୁଲ୍ ଭିତ୍‌ରେ ଖେଲାଯାଇଥିବା ୨ ନମ୍ବର୍ କ୍ୱାଟର୍ ଫାଇନାଲ୍ ମେଚ୍‌ଥି ମୁଢ଼େନ୍‌ପାଲି ଦଲ୍ ୪/ଶୂନ୍ ଗୋଲ୍‌ଥି ଜିତିଥିଲେ । ଆଏବା କାଏଲ୍ ୨ ଟା ସେମିଫାଇନାଲ୍ ମେଚ୍‌ଥି ଚିପିଲିମା ହାଇସ୍କୁଲ୍ ଦଲ୍ - ମୁଢ଼େନ୍‌ପାଲି ହାଇସ୍କୁଲ୍  ଦଲ୍ ଆର୍ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ଦଲ୍ - ସେଭେନ୍‌ହିଲ୍ସ ପବ୍ଲିକ୍ ସ୍କୁଲ୍ ଦଲ୍‌କେ ଭେଟ୍‌ବେ । ଇ ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍ ମେଚ୍ ଆଏବା ୨୯ ତାରିଖ୍ ଦିନ ଖେଲାଯିବା ।

ପାଣିପାଗ       ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏବା ୩୧ ତାରିଖ୍‌ତକ୍ ପାଗ୍ ଶୁଖିଲା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ହେଲେ ଆଏବା କାଏଲ୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ ବୌଦ୍ଧ ଜିଲ୍ଲା ସହେତେ ଦକ୍ଷିଣ ଓଡ଼ିଶାର୍ ଜିଲ୍ଲାମାନ୍‌କର୍ ଗୁଟେ ଜୁଡ଼େ ଜାଗା ନ ହାଲ୍‌କା ବର୍ଷା ହେଇପାରେ ବଲି କୁହାଯାଇଛେ ।